# ଭାରତ ମାତା

ଦୀର୍ଘ ପଥର ପଥିକ ଆମେରେ
ଦୀର୍ଘ ଜୀବନ ପଥ
ଲଙ୍ଘିବୁ ଆମେ ଦୀର୍ଘ ବନାନୀ
ଦୁର୍ଗମ ଗିରିପଥ

ଅରାତିର ଗର୍ବ ଖର୍ବ କରିବୁ
ଦେବୁ ସମୁଚିତ ଶିକ୍ଷା
କର କରବାଳ ଚିର ଝଙ୍କୃତ
ସେଇ ଆମ ଦିବ୍ୟ ଦିକ୍ଷା

ଜନନୀର ଶିର ଚିର ଉନ୍ନତ
ସାରା ବିଶ୍ୱେ ମହୀୟାନ
ଜନନୀ ଜନମ ଭୂଇଁ ପରାମୋର
ସ୍ୱର୍ଗ ହୁଁ ଗରୀୟାନ

ଆମେ କୁନି କୁନି ମାର ସନ୍ତାନ
କୁନି କଳୀ ହୋଇ ଫୁଟୁ
ସାଗର ବକ୍ଷେ ତରଣୀ ଚଳାଇ
ଅନ୍ତରୀକ୍ଷେ ଗ୍ରହେ ଭେଟୁ

ହିମାଳୟ ହିମ ମୁକୁଟ ମଣ୍ଡିତ
ମାଆ ମୋ ଭାରତ ଭୂଇଁ
ଗୌରବ ଯାର ଚିର ଭାସ୍ୱର
ସାରା ବିଶ୍ୱ ମଥା ନୋଇଁ

ପ୍ରଣତି ଜଣାଏ ଭାରତ ମାତାରେ
ସୁନା ଯେଉଁଠି ଫଳେ
ଅରାତି ଯେଉଁଠି ନତ ମସ୍ତକେ
ଅନ୍ତର ଭୟେ ଗୋଳେ

ହିମାଳୟ ଶ୍ୱେତ ମୁକୁଟ ମଣ୍ଡିତ
ସାଗର ଧୁଅଇ ପଦ
ବିନ୍ଧ୍ୟ ଗିରିବର ପ୍ରାଚୀର ସଦୃଶ
ଶିରାସମ ନଦୀ ନଦ

ଇତିହାସ ଯାର ଚିର ଅମ୍ଳାନ
ନିରପେକ୍ଷ ରାଷ୍ଟ୍ରଧର୍ମ
ରଖିବା ମାତାର ଶିର ଉନ୍ନତ
ଦିବ୍ୟ ସନ୍ତାନର କର୍ମ

ବାପୁ ପରି ସତେ କିଏସେ ଅଛିରେ ?
ପୃଥ୍ୱୀ ଏ ମରତ ଭୂମେ
ଅହିଂସା ମନ୍ତ୍ରେ ଦୀପ୍ତ ଆନନ
ସଂସାର ମୁଖ ତୁମେ

ସେଇ ମନ୍ତ୍ରେ ମାତା ବକ୍ଷ ମଣ୍ଡିତ
ସସାଗରା ଧରା ଝଂକୃତ
ଜନନୀ ଆନନ ଚିର ଭାସ୍ୱର
ପୁଷ୍କର ସମ ପବିତ୍ର

ଗଙ୍ଗା ଯମୁନା ପୁଳିନ ପାବନ
ପୁରାଙ୍ଗନା ଚାରୁ ହାସିନୀ
ସାନ୍ଦ୍ର ବନାନୀ ମନ୍ଦ୍ର ସଙ୍ଗୀତେ
ସମ୍ମୋହିତ କରେ ମେଦିନୀ

ଆସ ଆସ ଯେତେ ପୁଷ୍ପ ମଞ୍ଜରୀ
ବିଶୋଭନ ଚାରୁ ସୃଜନ
ଭାରତ ମାତା ସେ ବିଶ୍ୱ ବନ୍ଦନୀୟା
ସମାହିତେ ସୃଜ ପୂଜନ ❒❒❒

